ଓଡିଶା ସରକାର

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

****

**No RDM-LAA-JAJ-0004-2020/ 24205 R&DM, Dated 10 AUG 2020**

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା

ରାଜ୍ୟ ସରକାର, ପ୍ରଭାବିତ କ୍ଷେତ୍ର ଜିଲ୍ଲାପାଳ, ଯାଜପୁର ଙ୍କ ଅନୁରୋଧକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ( Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ -୨୦୧୩ ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ।

୧. ପ୍ରକଳ୍ପ ବିକାଶକାରୀ ଙ୍କ ନାମ :- କାର୍ଯ୍ୟନିର୍ବାହୀ ଅଧିକାରୀ, ଯାଜପୁର ପୌରପାଳିକା।

୨.ପ୍ରସ୍ତାବିତ ଭୂମି ଅଧିଗ୍ରହଣ ର ଉଦ୍ଦେଶ୍ୟ- ଯାଜପୁର ସହରର କୁଶୁମା ପୋଖରୀର ସଂରକ୍ଷଣ ନିମନ୍ତେ ।

୩. SIA ସର୍ବେକ୍ଷଣ ଅନୁଷ୍ଠାନ : DCOR consulting Pvt. Ltd, Bhubaneswar an empanelled agency under Nabakrushna Choudhury Centre for Development Studies , Bhubaneswar

୪.SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୁଚନା ;- Nabakrushna Choudhury Centre for Development Studies , Bhubaneswar ,Phone No. 0674, 2300471, 2301094

୫. ପ୍ରକଳ୍ପ ପାଇଁ ଯାଜପୁର ଜିଲ୍ଲା ରେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ/ ତଫସିଲ

| କ୍ରମିକ ନଂ | ତହସିଲ | ଗ୍ରାମ | ବେସରକାରୀ ଜମି | ମନ୍ତବ୍ୟ ( ସରକାରୀ ଜମି) |
|---|---|---|---|---|
| ୧ | ଯାଜପୁର | ୟୁ. ନଂ-7 ଶୀତଳେଶ୍ୱର | ଏ.୦.୪୧୬୦ | - |

ଏଥି ସହିତ ଭୁମି ଅନୁସୂଚି ସଂଲଗ୍ନ କରାଯାଇଛି ।

a. **ପ୍ରସ୍ତାବିତ ପ୍ରକଳ୍ପ ର ସଂକ୍ଷିପ୍ତ ବିବରଣୀ** :- ଯାଜପୁର ଜିଲ୍ଲା ଯାଜପୁର ତହସିଲ ଅନ୍ତର୍ଗତ ୧ ଗୋଟି ମୌଜା ରେ ଏ. ୦.୪୧୬୦ ପରିସୀମାରେ କୁଶୁମା ପୋଖରୀର ସଂରକ୍ଷଣ ନିମନ୍ତେ

ନିମନ୍ତେ କାର୍ଯ୍ୟନିର୍ବାହୀ ଅଧିକାରୀ, ଯାଜପୁର ପୌରପାଳିକା ଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

b. **SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ** :- ଯାଜପୁର ଜିଲ୍ଲାରେ ଉପରୋକ୍ତ ୧ ଗୋଟି ମୌଜା ରେ **ଏକର ୦.୪୧୬୦** ଘରୋଇ ଜମି ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳି ପାରିବ ।

c. **SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ** :- ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମବାସୀ ଙ୍କ ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ। SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୁଡାନ୍ତ ରିପୋର୍ଟ ରେ ସ୍ଥାନିତ ହେବ। ଭୂମି ଅଧିଗୃହିତ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଶତକଡା ୨୫ ଭାଗ ପ୍ରଭାବିତ ସମସ୍ତ ଗ୍ରାମସଭା ମାନଙ୍କରେ ଜନଶୁଣାଣି କରାଯିବ।

d. **ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି** ? ସହମତି ଆବଶ୍ୟକ ।

e. SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୪୫ ଦିନ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ। SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ /ଗ୍ରାମ/ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବ ସାଇଟ ରେ ସୂଚିତ ହେବ ।

ରାଜ୍ୟପାଳଙ୍କ ଆଦେଶାନୁସାରେ

୦୭/୮/୨୦୨୦

(ଅଭୟ କୁମାର ନାୟକ)
ଅତିରିକ୍ତ ଶାସନ ସଚିବ

Memo No. 24206 Dated 10 AUG 2020

Copy forwarded to the Director, Printing Stationary, Odisha, Cuttack for information and necessary. He is requested to publish the Notification in the next issue of the Odisha Gazette as this is a statutory one.

SRO Number may be allotted to this publication.

10/08/2020

Deputy Secretary to Government

Memo No. 24207 Dated 10 AUG 2020

Copy forwarded to Housing & Urban Development Department / Executive Officer, Jajpur Municipality for information and necessary action.

10/08/2020

Deputy Secretary to Government

Memo No. 24208 Dated 10 AUG 2020

Copy forwarded to RDC(CD), Cuttack /Collector, Jajpur / Land Acquisition Officer , Jajpur for information and necessary action.

10/08/2020

Deputy Secretary to Government

Memo No. 24209 Dated 10 AUG 2020

Copy forwarded to the State Co-ordinator ,Nabakrushna Choudhury Centre for Development Studies ,Bhubaneswar for information and necessary action.

10/08/2020

Deputy Secretary to Government

Memo No. 24210 Dated 10 AUG 2020

Copy forwarded to the Joint Secretary, E Governance Branch with a request to upload the Notification in the website.

10/08/2020

Deputy Secretary to Government

## ଭୂମି-ଅନୁସୂଚି

### ପ୍ରକଳ୍ପ ର ନାମ- ଯାଜପୁର ସହରର କୁଣ୍ଡୁମା ପୋଖରୀର ସଂରକ୍ଷଣ

### ମୌଜା-ୟୁନିଟ-୭ ଶୀତଳେଶ୍ୱର, ଥାନା ନଂ-୨୧୦, ଥାନା/ତହସିଲ/ଜିଲ୍ଲା-ଯାଜପୁର

| କ୍ର. ନଂ. | ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅଧିଗ୍ରହିତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧୨୩ | ୪୫୫/ ୧୩୭୮ | ୦.୩୬୬ | ୦.୩୬୬ | ଜଳାଶୟ-୧ | ଗୋଦାବରୀଶ ମିଶ୍ର ପିତା- ପରମାନନ୍ଦ ମିଶ୍ର,ଜାତି- ବ୍ରାହ୍ମଣ ସା-ଭୀମକରପୁର | |
| ୨ | ୧୨୩ | ୪୫୪/ ୧୩୭୯ | ୦.୦୫ | ୦.୦୫ | ଆଡି | | |
| | | | ମୋଟ ରକବା | ୦.୪୧୬ | | | |

ନିର୍ବାହୀ ଅଧିକାରୀ
ଯାଜପୁର ପୌରପାଳିକା

Land Ac… Collectorate Jajpur